# ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

**ତାରିଖ : 05-04-2024**

**ମୟୁରଭଞ୍ଜ(ଓଡିଶା) - :2024-04-05 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)**

| ପାଣିପାଗ କାରକ | 2024-04-06 | 2024-04-07 | 2024-04-08 | 2024-04-09 | 2024-04-10 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 15.0 | 10.0 | 5.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 40.0 | 39.0 | 36.0 | 36.0 | 37.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 28.0 | 27.0 | 25.0 | 24.0 | 24.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 26 | 35 | 33 | 51 | 48 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 11 | 11 | 15 | 20 | 27 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 9 | 12 | 11 | 12 | 9 |
| ପବନର ଦିଗ (ଡିଗ୍ରୀ) | 248 | 202 | 246 | 251 | 248 |
| ମେଘାଚ୍ଛନ (ଅକ୍ଟା) | 2 | 3 | 6 | 7 | 4 |

## ପାଣିପାଗ ସାରାଂଶ/ସତର୍କ:

| |
|---|
| ମୁଖ୍ୟତଃ ସ୍ୱଚ୍ଛରୁ ସାଧାରଣତ ମେଘୁଆ ଆକାଶ ସହିତ ଜିଲ୍ଲାରେ ଶନିବାର ଏବଂ ରବିବାର ପାଗ ଶୁଖିଲା ରହିବା ସହିତ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇପାରେ ଏବଂ ଏହା ପରେ ହାଲୁକା ରୁ ମଧ୍ୟମ ବର୍ଷା ହେବାର ସମ୍ଭାବନା ଅଛି \| ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୯.୦ ରୁ ୧୨.୦ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବ \| ସର୍ବାଧିକ ତାପମାତ୍ରା ୩୬.୦°C ରୁ ୪୦.୦°C ମଧ୍ୟରେ ହୋଇପାରେ \| ସର୍ବନିମ୍ନ ତାପମାତ୍ରା ୨୪.୦°C ରୁ ୨୮.୦°C ମଧ୍ୟରେ ରହିପାରେ \| ସକାଳେ ଆପେକ୍ଷିକ ଆଦ୍ରତା ୨୬ ରୁ ୫୧ ପ୍ରତିଶତ ମଧ୍ୟରେ ହୋଇପାରେ ଏବଂ ଅପରାହ୍ନରେ ୧୧ ରୁ ୨୭ ପ୍ରତିଶତ ମଧ୍ୟରେ ରହିପାରେ \| |

## ସାଧାରଣ ଉପଦେଶ:

| |
|---|
| ଅମଳ ହୋଇଥିବା ଫସଲକୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ । କୀଟନାଶକ ଔଷଧ ସିଞ୍ଚନ ଓ ଜଳସେଚନ ସାମୟିକ ବନ୍ଦ ରଖନ୍ତୁ । ପନିପରିବା ଫସଲର ତଳିଘେରାକୁ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ପଲିଥିନ ସାହାଯ୍ୟରେ ଘୋଡାଇ ରଖନ୍ତୁ । ସମସ୍ତ ଡାଲି, ତୈଳବୀଜ, ପନିପରିବା, ଫଳ ଆଦି ଅଣଧାନ ଜାତୀୟ ଫସଲ ରୁ ଅତ୍ୟଧିକ ଜଳ ନିଷ୍କାସନ କରିବା ପାଇଁ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ନିଅନ୍ତୁ । ଗୃହ ପାଳିତ ପଶୁଙ୍କୁ ଯଥା ଗୋରୁ ଗାଈଙ୍କୁ ବର୍ଷରୁ ରକ୍ଷା କରିବା ପାଇଁ ଗୁହାଳ କିମ୍ବା ଆଶ୍ରୟସ୍ଥଳୀରେ ରଖନ୍ତୁ । |

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| ବର୍ଷା ଛାଡିଯିବା ପରେ ମାଟିର ଆର୍ଦ୍ରତା କୁ ସୁବିନିଯୋଗ କରି ଖରାଟିଆ କାକୁଡି ଓ କଖାରୁ ଜାତୀୟ ପନିପରିବା ଆଦି ବୁଣାବୁଣି ଆରମ୍ଭ କରନ୍ତୁ । |

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ରୁଆ ଯାଇଥିବା ଧାନ ବର୍ତମାନ ଫୁଲ ହେବା ରୁ ମଞ୍ଜି ପାକଳ ହେବା (୧୦ -୧୩ ସପ୍ତାହ) ଅବସ୍ଥାରେ ଅଛି । ଦିନ ଓ ରାତ୍ରି ସମୟର ତାପମାତ୍ରା ମଧ୍ୟରେ ତାରତମ୍ୟ ରହୁଥିବାରୁ ଧାନ ଫସଲରେ ମହିଷା ରୋଗ ଦେଖାଯାଇଛି । ଧାନ ଫସଲରେ ମହିଷା ରୋଗ ହେଲେ ଆକ୍ରାନ୍ତ ଗଛର ପତ୍ର ଗୁଡିକରେ ଆଖି ଆକୃତିର ଦାଗ ମାନ ଦେଖାଦିଏ । ଦାଗ ଗୁଡକିର ମଝିଅଂଶ ଚଉଡା ଓ ଦୁଇ ମୁଣ୍ଡ ସରୁଆ ହୋଇଥାଏ । ଦାଗର ଚାରି ପାଖ ଧୂସର ରଙ୍ଗର ଦେଖାଯାଉଥିବା ବେଳେ ମଝି ଅଂଶ ପାଉଁଶିଆ ଦେଖାଯାଏ । ଅତ୍ୟଧିକ ଆକ୍ରାନ୍ତ ଫସଲ ସଂପୂର୍ଣ୍ଣ ପୋଡିଗଲା ପରି ଦେଖାଯାଏ । ଏହି ରୋଗ ଦେଖାଦେଲେ ପ୍ରଥମେ ଆକ୍ରାନ୍ତ ଧାନ କିଆରୀରେ ପାଣି ଜମି |

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ରହୁଥିଲେ ପାଣି କାଟି ଅଳ୍ପ ପାଣି ରଖନ୍ତୁ । ବିଲରୁ ଅନାବନା ଘାସ ବାଛି ଦିଅନ୍ତୁ । ଧାନ ଫସଲରେ ମହିଷା ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦- ମିଲି Hexaconazole ନାମକ ଫିମ୍ପିନାଶକ କିମ୍ବା ୨୦୦-ମିଲି Azoxystrobin ଓ Difenoconazole ର ମିଳିତ ଫିମ୍ପିନାଶକ କିମ୍ବା ୮୦- ଗ୍ରାମ Tebuconazole ଓ Trifloxystrobin ର ମିଳିତ ଫିମ୍ପିନାଶକ କୁ ୨୦୦- ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ବାୟୁମଣ୍ଡଳ ର ତାପମାତ୍ରା ବୃଦ୍ଧି ପାଇବା ଯୋଗୁଁ ଧାନ ଫସଲ ରେ କାଣ୍ଡବିନ୍ଧା ପୋକର ପ୍ରାଦୁର୍ଭାବ ଦେଖାଯିବାର ସମ୍ଭାବନା ରହିଛି । ଧାନ ଫସଲରେ କାଣ୍ଡବିନ୍ଧା ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦୦-ମିଲି Fipronil ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Flubendiamide ନାମକ କୀଟନାଶକ କିମ୍ବା ୬୦-ମିଲି Chlorantraniliprole ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Chromafenozide ନାମକ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ବାଦାମ | ବାୟୁମଣ୍ଡଳ ର ତାପମାତ୍ରା ବଢିବା ଯୋଗୁଁ ଚିନାବାଦାମ ଫସଲରେ ଶୋଷକ ପୋକ ଯଥା ଜଉ ଓ ପତ୍ର ଉକୁଣି ପୋକ ର ପ୍ରାଦୁର୍ଭାବ ଦେଖାଯିବାର ସମ୍ଭାବନା ରହିଛି । ଚିନାବାଦାମ ଫସଲରେ ପ୍ରାଥମିକ ଅବସ୍ଥାରେ ଜଉ ପୋକ ଓ ପତ୍ର ଉକୁଣି ପୋକ ର ଆକ୍ରମଣ କମ ଦେଖାଦେଉଥିଲେ ଏକର ପ୍ରତି ୧-ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ PPM କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପୋକ ଆକ୍ରମଣ ଅଧିକ ଦେଖାଦେଲେ ରାସାୟନିକ ଉପାୟରେ ଜଉ ଓ ପତ୍ର ଉକୁଣି ପୋକ ର ପରଚିାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ ଥାୟମେଥୋକଜାମ ନାମକ କୀଟନାଶକ କିମ୍ବା ୫୦-ମିଲି ଇମିଡାକ୍ଲୋପ୍ରିଡ ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପ୍ରାଥମିକ ଅବସ୍ଥାରେ ଚିନାବାଦାମ ଫସଲରେ ପତ୍ର ସୁଡଙ୍ଗୀ ପୋକ ର ପରିଚାଳନା ପାଇଁ ଏକର ପ୍ରତି ୧-ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ PPM କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପୋକ ଆକ୍ରମଣ ଅଧିକ ଦେଖାଦେଲେ ରାସାୟନିକ ଉପାୟରେ ଏହି ପୋକ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି-ପ୍ରୋଫେନୋଫସ ନାମକ କୀଟନାଶକ କିମ୍ବା ୪୦୦ ମିଲି କ୍ଲୋରୋପାଇରିଫସ ଏବଂ ସାଇପରମେଥ୍ରିନ ର ମିଳିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ବର୍ତ୍ତମାନ ସମୟରେ ଚିନାବାଦାମ ଫସଲରେ ଟୀକା ରୋଗ ଲାଗିବାର ଅଛି । ଏହି ରୋଗ ଦ୍ୱାରା ଆକ୍ରାନ୍ତ ଗଛର ପତ୍ରର ତଳ ପଟେ ଗାଢ କଳା ଦାଗ ଦେଖାଯାଏ । ପରେ ଦାଗ ଗୁଡିକ ମିଶିଯାଇ ସମ୍ପୂର୍ଣ୍ଣ ପତ୍ରକୁ ମାଡିଯାଏ । ଅଧିକ ଆକ୍ରାନ୍ତ ହେଲେ ପତ୍ର, ଡେଙ୍ଗ ଓ କାଣ୍ଡ କୁ ମଧ ବ୍ୟାପିଥାଏ ଓ ପରେ ପତ୍ରଗୁଡିକ ଝଡିପଡେ । ଏହି ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦-ଗ୍ରାମ କ୍ଲୋରୋଥାଲୋନିଲ କିମ୍ବା ୬୦୦-ଗ୍ରାମ ମାଙ୍କୋଜେବ କିମ୍ବା ୩୦୦-ମି.ଲି ହେକ୍ସାକୋନାଜୋଲ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
| --- | --- |
| ଭେଣ୍ଡୀ | ଭେଣ୍ଡି ଲଗାଇବାର ୨୫ ଦିନ ହୋଇଯାଇଥିଲେ ଘାସ ବାଛି କୋଡାଖୁସା କରି ଉନ୍ନତ କିସମ ପାଇଁ ଏକର ପ୍ରତି ୧୫-କିଲୋଗ୍ରାମ ୟୁରିଆ ସାର ଏବଂ ଶଙ୍କର ଜାତୀୟ ଭେଣ୍ଡି ପାଇଁ ଏକର ପ୍ରତି ୨୦- କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ । ବର୍ତମାନ ସମୟରେ ଭେଣ୍ଡି ଫସଲରେ ଶୋଷକ ଜାତୀୟ କୀଟ ଯଥା ଜଉ ପୋକ, ପତ୍ର ଡିଆଁ ପୋକ, ପତ୍ର ଉକୁଣି ପୋକ ଏବଂ ଧଳା ମାଛି ଲାଗିବାର ସମ୍ଭାବନା ରହିଛି । ଏହି ପୋକ ଗୁଡିକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦-ମିଲି ନିମ୍ବଜାତ କୀଟନାଶକ ୧୫୦୦ ପିପିଏମ କୁ ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରାସାୟନକି ଉପାୟରେ ଏହି କୀଟ ଗୁଡିକ ର ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ Thiomethoxam ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୪୦୦-ମିଲି Tolfenpyrad ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ସାହେବୀ ରୋଗ ଦ୍ଵାରା ଆକ୍ରାନ୍ତ ଗଛର ପତ୍ର ର ଶିରା ଗୁଡିକ ହଳଦିଆ ପଡିଯାଏ । ଅଧିକ ଆକ୍ରାନ୍ତ ଗଛର ପତ୍ର ଗୁଡିକ ହଳଦିଆ ପଡିଯାଏ । ପତ୍ର ଗୁଡିକ ଛୋଟ ଆକାର ର ହୁଏ ଏବଂ ଗଛ ଭଲ ଭାବରେ ବଢିପାରେ ନାହିଁ । ଗଛରେ ଫୁଲ ଫଳ ବେଶୀ ହୁଏ ନାହିଁ । ଫଳ ଗୁଡିକ ଟାଣ ସୋଇ ହଳଦିଆ କିମ୍ବା ଧଳା ରଙ୍ଗର ଦେଖାଯାଏ । ବଜାର ରେ ବିକ୍ରୟ ପାଇଁ ଉପଯୁକ୍ତ ହୁଏ ନାହିଁ । ଭେଣ୍ଡି ଫସଲରେ ସାହେବୀ ରୋଗର ପରିଚାଳନା ପାଇଁ ଏହାର ବାହକ ଧଳାମାଛି ର ନିୟନ୍ତ୍ରଣ ନିହାତି ଜରୁରୀ । ଭେଣ୍ଡି ଫସଲରେ ଧଳାମାଛିର ପ୍ରାଦୁର୍ଭାବ କମ କରିବା ପାଇଁ ବିହନ ବୁଣିବା ପୂର୍ବରୁ ପ୍ରତି କିଲୋଗ୍ରାମ ବିହନରେ ୭-ଗ୍ରାମ Imidacloprid ନାମକ କୀଟନାଶକ କୁ ମିଶାଇ ବିଶୋଧନ କରନ୍ତୁ । ଗଛ ୨-୩ ପତ୍ର ହେବା ଅବସ୍ଥା ରୁ ଏକର ପ୍ରତି ୮-୧୦ ଟି ହଳଦିଆ ଅଠାଯୁକ୍ତ ଯନ୍ତା ବସାନ୍ତୁ । ଧଳାମାଛି ମାନେ ହଳଦୀ ରଙ୍ଗକୁ ଆକୃଷ୍ଟ ହୋଇ ଯନ୍ତା ଅଠାରେ ଲାଖି ମରିଯିବେ । ସାହେବୀ ଆକ୍ରାନ୍ତ ଗଛ ଗୁଡକୁ ଓପାଡି ଦୂରରେ ନଷ୍ଟ କରଦିଅନ୍ତୁ । ପ୍ରାଥମିକ ଅବସ୍ଥାରେ ଧଳାମାଛି ର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ppm କୁ ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପୋକ ଆକ୍ରମଣ ଅଧିକ ଦେଖାଦେଲେ ରାସାୟନିକ ଉପାୟରେ ପୋକ ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ Thiomethoxam ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Acetamiprid ନାମକ କୀଟନାଶକ କୁ ୨୦୦- ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ବାଇଗଣ | ବାଇଗଣରେ ଗଣ୍ଡି ଏବଂ ଫଳ ବିନ୍ଧା ପୋକର ଆକ୍ରମଣ ଦେଖାଦେଲେ ଆକ୍ରାନ୍ତ ଗଛର ଅଗ ଡାଳଟି ଝାଉଁଳି ପଡେ ଓ ପରେ ଏହି ଝାଉଁଳି ଥିବା ଡାଳଟି ଶୁଖିଯାଏ । ଫଳ ଅବସ୍ଥାରେ ଶକୁଗୁଡିକ ଡାଳ ଅପେକ୍ଷା ଫଳ ଗୁଡିକୁ ବେଶି ଆକ୍ରମଣ କରିଥାନ୍ତି । ଏହି ପୋକର ପରିଚାଳନା ପାଇଁ ପ୍ରଥମେ ଜମିରୁ ଆକ୍ରାନ୍ତ ଡାଳ, ପତ୍ର ଓ ଫଳଗୁଡିକ ସଂଗ୍ରହ କରି ଦୂରରେ ନଷ୍ଟ କରିଦିଅନ୍ତୁ । ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି LeucinLure ଥିବା ସଙ୍ଗ ଆକର୍ଷକ ଯନ୍ତାରୁ ୨୦ ଟି ରଖନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ବାଇଗଣ ଫସଲରେ ଯଦି, ଶତକଡା ୪-ଭାଗ ଅଗ ଝାଉଁଳା ବା ଶତକଡା ୧୪-ଭାଗ ପୋକଡା ଫଳ ଦେଖୁଛନ୍ତି ତାହେଲେ ରାସାୟନିକ ଔଷଧ ପ୍ରୟୋଗ କରନ୍ତୁ । ଏହି ପୋକାଡ଼ ରାସାୟନିକ |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ଉପାୟରେ ପରିଚାଳନା ପାଇ ଏଁକର ପ୍ରତି ୭୫- ମି.ଲି ସ୍ପିନୋସାଡ କିମ୍ବା ୮୦-ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ କିମ୍ବା ୮୦-ମି.ଲି କ୍ଲୋରାନଟ୍ରାନିପ୍ରୋଲ କିମ୍ବା ୨୦୦-ମି.ଲି ସ୍ୱାଇେନେଟୋରାମ କୁ ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।ଏହି କୀଟନାଶକ ମଧ୍ୟରୁ ଯେକୌଣସି ଗୋଟିଏକୁ ବାରମ୍ବାର ପ୍ରୟୋଗ ନକରି ଅଦଳ ବଦଳ କରି ପ୍ରତି ୧୫-ଦିନ ଅନ୍ତରରେ ସିଞ୍ଚନ କରନ୍ତୁ । |
| ଟମାଟର | ମୁଖ୍ୟ ଜମିରେ ରୁଆ ଯାଇଥିବା ବିଲାତି ବାଇଗଣ ଫଳ ପାକଳ ହେବା ରୁ ଅମଳ ହେବା (୧୩ – ୧୬ ସପ୍ତାହ) ଅବସ୍ଥାରେ ଅଛି । ବିଲାତି ବାଇଗଣ ବଜାରରେ ବିକ୍ରୟ ପାଇଁ ଅଧା ଲାଲ ପଡିଥିବା ଅବସ୍ଥାରେ ଅମଳ କରନ୍ତୁ । ବର୍ତ୍ତମାନ ସମୟରେ ବିଲାତି ବାଇଗଣ ଫସଲରେ ଧଳାମାଛି ଲାଗିବାର ସମ୍ଭାବନା ରହଛି । ଉଭୟ ଅର୍ଭକ ଓ ପୂର୍ଣାଙ୍ଗ ଅବସ୍ଥାରେ ଧଳା ମାଛି ମାନେ ପତ୍ର ରୁ ରସ ଶୋଷି ଖାଇବା ହେତୁ ଆକ୍ରାନ୍ତ ପତ୍ର ଗୁଡିକ ଉପର ଆଡକୁ ମୋଡି ହୋଇଯାଏ ଏବଂ ବିବର୍ଣ୍ଣ ପଡି ଏହାର ସଜୀବତା ହ୍ରାସ ପାଏ । ଧଳା ମାଛି ଭୂତାଣୁ ଜନତି ପତ୍ରମୋଡା ରୋଗର ବାହକ ଅଟେ । ବିଲାତି ବାଇଗଣ ଫସଲରେ ଧଳାମାଛି ର ପରିଚାଳନା ପାଇଁ ଏକର ପ୍ରତି ୮-୧୦ ଟି ହଳଦିଆ ଅଠା ଯୁକ୍ତ ଜନ୍ତା ଲଗାନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM କୁ ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଟମଟୋ ଫସଲରେ ଧଳାମାଛି ର ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ Thiomethoxam କିମ୍ବା ୨୦୦-ମିଲି Pyriproxifen ନାମକ କୀଟନାଶକ କିମ୍ବା ୨୫୦-ମିଲି Spiromesifen ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ଟମାଟୋ ଫସଲରେ ଫଳ ବିନ୍ଧା ପୋକର ଆକ୍ରମଣ ଦେଖାଦେଲେ ଏହାର ପରିଚାଳନା ପାଇଁ ପ୍ରଥମେ ଜମିରୁ ଆକ୍ରାନ୍ତ ଫଳଗୁଡିକୁ ସଂଗ୍ରହ କରି ଦୂରରେ ନଷ୍ଟ କରିଦିଅନ୍ତୁ । ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି, Helilure ଥିବା ସଙ୍ଗ ଆକର୍ଷକ ଯନ୍ତାରୁ ୨୦ ଟି ରଖନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM କୁ ୨୦୦- ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । ଟମାଟୋ ଫସଲରେ ଯଦି, ଶତକଡା ୧୦-ଭାଗ ପୋକଡା ଫଳ ଦେଖୁଛନ୍ତି ତାହେଲେ ରାସାୟନିକ ଉପାୟ ରେ ପରିଚାଳନା ପାଇଁ ଏକର ପ୍ରତି ୮୦- ମି. ଲି Chlorantraniliprole ନାମକ କୀଟନାଶକ କିମ୍ବା ୪୦-ମିଲି Flubendiamide ନାମକ କୀଟନାଶକ କିମ୍ବା ୧୦୦- ମି. ଲି Indoxacarb ନାମକ କୀଟନାଶକ କୁ ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏହିକୀଟନାଶକ ଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏକୁ ବାରମ୍ବାର ପ୍ରୟୋଗ ନକରି ଅଦଳ ବଦଳ କରି ପ୍ରତି ୧୫-ଦିନ ଅନ୍ତରରେ ସିଞ୍ଚନ କରନ୍ତୁ । |
| ବୋଇତି କଖାରୁ | ଫଳ ମାଛି ଗୁଡିକ କଖାରୁଜାତୀୟ ପନିପରିବାର କଅଁଳିଆ ଫଳ ଉପରେ ଅଣ୍ଡା ଦେଇ ଅଠାଳିଆ ପଦାର୍ଥ ଦ୍ୱାରା ଘୋଡେଇ ଦିଅନ୍ତି । ଅଣ୍ଡାରୁ ଛୁଆ ଫୁଟି ଫଳ ଭିତରେ ପ୍ରବେଶ କରି ଭିତର ଅଂଶ କୁ ଖାଇଥାନ୍ତି । ଫଳ ଗୁଡିକ ଅଙ୍କାବଙ୍କା ହୋଇ ବଢେ ଏବଂ ଅସମୟରେ ପାଚି ଝଡିପଡେ । ଫଳ ଗୁଡିକ ଖାଇବା ଅନୁପଯୋଗୀ ହୋଇଥାଏ । ଫଳମାଛିର ପରିଚାଳନା ପାଇଁ ପ୍ରଥମେ ୪-ଲିଟର ପାଣି ରେ ୪୦୦-ଗ୍ରାମ ଗୁଡ ଓ ୮-ମିଲି malathion ବା DDVP କୀଟନାଶକ ମିଶାଇ ବିଷଥୋପ |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ପ୍ରସ୍ତୁତ କରନ୍ତୁ । ଏହି ବିଷଥୋପକୁ ଏକ ଏକର କଖାରୁ ଜାତୀୟ ପନିପରିବା ଫସଲରେ ୮୦ ଟି ସ୍ଥାନରେ ଛୋଟ ସଢେଇ କିମ୍ବା ମାଟି ସରା କିମ୍ବା ପ୍ଲାଷ୍ଟିକ କପରେ ରଖି ଗଛ ମୂଳରେ ରଖନ୍ତୁ । ଏହା କରିବା ଦ୍ଵାରା ଫଳମାଛି ଗୁଡିକ ଏହି ବିଷଥୋପ ପ୍ରତି ଆକୃଷ୍ଟ ହୋଇ ଆସି ସେଥିରେ ପଡି ମରିଯିବେ । କାଙ୍କେଡିଆ ପୋକର ଉଭୟ ଭୃଙ୍ଗ ଏବଂ ପୂର୍ଣ୍ଣାଙ୍ଗ କୀଟ ପତ୍ର ର ଉଭୟ ପାର୍ଶ୍ଵରୁ ସବୁଜ ଅଂଶ କୋରି ଖାଆନ୍ତି । ଫଳରେ ପତ୍ର ଗୁଡିକ ଜାଲିଜାଲିଆ ହୋଇଯାଏ । ଆକ୍ରାନ୍ତ ପତ୍ର ଗୁଡିକ ଶୁଖି ଝଡି ପଡ଼େ । ଏହି ପୋକ ର ପରିଚାଳନା ପାଇଁ ପ୍ରଥମେ ଉଭୟ ଭୃଙ୍ଗ ଏବଂ ପୂର୍ଣ୍ଣାଙ୍ଗ ପୋକକୁ ହାତରେ ଧରି ନଷ୍ଟ କରି ଦିଅନ୍ତୁ କିମ୍ବା କିରୋସିନି ମିଶା ପାଣିରେ ପକେଇ ମାରି ଦିଅନ୍ତୁ । କାଙ୍କେଡିଆ ପୋକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ପ୍ରତି ଲିଟର ପାଣିରେ ୩-ମିଲି ନିମ୍ବ ଜାତୀୟ କୀଟନାଶକ ୧୫୦୦ ପିପିଏମ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଏହି ପୋକର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୨-ମିଲି Chlorpyriphos ନାମକ କୀଟନାଶକ କିମ୍ବା ୨-ମିଲି Profenophos ନାମକ କୀଟନାଶକ କୁ ମିଶାଇ ସିଞ୍ଚନ କରନ୍ତୁ । |
| ଆମ୍ବ | ବର୍ତମାନ ସମୟରେ ମେଘୁଆ ଓ କୁହୁଡିଆ ପାଗ ଯୋଗୁଁ ଆମ୍ବ ଗଛରେ ଆମ୍ବ ଡାହାଣୀ ପୋକ ଲାଗିବାର ସମ୍ଭାବନା ରହିଛି । ମେଘୁଆ ବା କୁହୁଡିଆ ପାଗରେ ଏହି ପୋକର ବଂଶବୃଦ୍ଧି ଦ୍ରୁତଗତିରେ ହୋଇଥାଏ । ଆମ୍ବ ଡାହାଣୀ ପୋକ ର ପରିଚାଳନା ପାଇଁ ଆମ୍ବ ଗଛରେ ବଉଳ ଆରମ୍ଭ ହେବା ସମୟରେ ପ୍ରତି ୧୫-ଲିଟର ପାଣିରେ ୫-ମିଲି Imidacloprid ନାମକ କୀଟନାଶକ କିମ୍ବା ୩-ଗ୍ରାମ Thiomethoxam ନାମକ କୀଟନାଶକ କିମ୍ବା ୪-ଗ୍ରାମ Acetamiprid ନାମକ କୀଟନାଶକ କୁ ମିଶାଇ ସିଂଚନ କରନ୍ତୁ। ଏହା ଛଡା ଆମ୍ବ ବଗିଚାର ଝଡା ପତ୍ର ସବୁ ସଂଗ୍ରହ କରି କୁହୁଡିଆ ବା ମେଘୁଆ ପାଗରେ ଆମ୍ବ ଗଛ ମୂଳରେ ଧୂଆଁ ଦେଲେ ଆମ୍ବ ଡାହାଣୀ ସଂଖ୍ୟା କମିଯାଏ । |
| କାକୁଡି | ଲତା ଜାତୀୟ ପନିପରିବା ଇତ୍ୟାଦି ଗୁଡିକ ରେ ରଞ୍ଜା ପୋତି ଭଲ ଭାବରେ ଉଠେଇ ଦିଅନ୍ତୁ । ବର୍ଷା ପରେ ଫଳ ମାଛି ଗୁଡିକ କଖାରୁଜାତୀୟ ପନିପରିବାର କଅଁଳିଆ ଫଳ ଉପରେ ଅଣ୍ଡା ଦେଇ ଅଠାଳିଆ ପଦାର୍ଥ ଦ୍ଵାରା ଘୋଡେଇ ଦିଅନ୍ତି । ଅଣ୍ଡାରୁ ଛୁଆ ଫୁଟି ଫଳ ଭିତରେ ପ୍ରବେଶ କରି ଭିତର ଅଂଶ କୁ ଖାଇଥାନ୍ତି । ଫଳ ଗୁଡିକ ଅଙ୍କାବଙ୍କା ହୋଇ ବଢେ ଏବଂ ଅସମୟରେ ପାଚି ଝଡିପଡେ । ଫଳ ଗୁଡିକ ଖାଇବା ଅନୁପଯୋଗୀ ହୋଇଥାଏ । ଫଳମାଛିର ପରିଚାଳନା ପାଇଁ ପ୍ରଥମେ ୪-ଲିଟର ପାଣି ରେ ୪୦୦-ଗ୍ରାମ ଗୁଡ ଓ ୮-ମିଲି malathion ବା DDVP କୀଟନାଶକ ମିଶାଇ ବିଷଥୋପ ପ୍ରସ୍ତୁତ କରନ୍ତୁ । ଏହି ବିଷଥୋପକୁ ଏକ ଏକର କଖାରୁ ଜାତୀୟ ପନିପରିବା ଫସଲରେ ୮୦ ଟି ସ୍ଥାନରେ ଛୋଟ ସଢେଇ କିମ୍ବା ମାଟି ସରା କିମ୍ବା ପ୍ଲାଷ୍ଟିକ କପରେ ରଖି ଗଛ ମୂଳରେ ରଖନ୍ତୁ । ଏହା କରିବା ଦ୍ଵାରା ଫଳମାଛି ଗୁଡିକ ଏହି ବିଷଥୋପ ପ୍ରତି ଆକୃଷ୍ଟ ହୋଇ ଆସି ସେଥିରେ ପଡି ମରିଯିବେ । କାଙ୍କେଡିଆ ପୋକର ଉଭୟ ଭୃଙ୍ଗ ଏବଂ ପୂର୍ଣ୍ଣାଙ୍ଗ କୀଟ ପତ୍ର ର ଉଭୟ ପାର୍ଶ୍ଵରୁ ସବୁଜ ଅଂଶ କୋରି ଖାଆନ୍ତି । ଫଳରେ ପତ୍ର ଗୁଡିକ ଜାଲିଜାଲିଆ ହୋଇଯାଏ । ଆକ୍ରାନ୍ତ ପତ୍ର ଗୁଡିକ ଶୁଖି ଝଡି ପଡ଼େ । ଏହି ପୋକ ର ପରିଚାଳନା ପାଇଁ ପ୍ରଥମେ ଉଭୟ ଭୃଙ୍ଗ ଏବଂ ପୂର୍ଣ୍ଣାଙ୍ଗ ପୋକକୁ ହାତରେ ଧରି ନଷ୍ଟ କରି ଦିଅନ୍ତୁ କିମ୍ବା କିରୋସିନି ମିଶା ପାଣିରେ ପକେଇ ମାରି ଦିଅନ୍ତୁ । କାଙ୍କେଡିଆ ପୋକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ପ୍ରତି ଲିଟର ପାଣିରେ ୩-ମିଲି ନିମ୍ବ ଜାତୀୟ |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | କୀଟନାଶକ ୧୫୦୦ ପିପିଏମ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଏହି ପୋକର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୨-ମିଲି Chlorpyriphos ନାମକ କୀଟନାଶକ କିମ୍ବା ୨-ମିଲି Profenophos ନାମକ କୀଟନାଶକ କୁ ମିଶାଇ ସିଞ୍ଚନ କରନ୍ତୁ । |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ଯଦି ସମ୍ଭବ ବର୍ଷା ସମୟରେ ପଶୁମାନଙ୍କୁ ଗୁହାଳ ଭିତରେ ରଖନ୍ତୁ । ଯେକୌଣସି ଜରୁରୀକାଳୀନ ପରିସ୍ଥିତିରେ ୩ ରୁ ୫ ଦିନ ପାଇଁ ଖାଦ୍ୟ ସଂଗ୍ରହ କରି ରଖନ୍ତୁ । ବର୍ଷା ପୂର୍ବରୁ ଗୁହାଳ ଗୁଡିକୁ ମରାମତି କରନ୍ତୁ । ବର୍ଷା ସମୟରେ ପଶୁମାନଙ୍କୁ ଘର ଭିତରେ ରଖନ୍ତୁ । ବର୍ଷା ଦାଉରୁ ନଷ୍ଟ ନହେବା ପାଇଁ ଚାରା କୁ ଏକ ସୁରକ୍ଷିତ ସ୍ଥାନରେ ରଖନ୍ତୁ । |

## ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଫ୍ରେଶ ୱାଟର | ମତ୍ସ୍ୟ ଚାଷୀମାନେ, ମାଛ ଚାଷ ପାଇଁ ପୋଖରୀରେ ଜାଆଁଳ ରଖିଛନ୍ତି, ସେମାନେ ଜଳର ଗୁଣବତ୍ତା ଏବଂ ସ୍ତର ଉପରେ ନଜର ରଖିବା ଉଚିତ୍ । ଜଳର ତାପମାତ୍ରା ୩୦0 ସେଲସିୟସ ରୁ ଅଧିକ ହେଲେ କିମ୍ବା ଜଳ ସ୍ତର ୧ ମିଟର ଗଭୀରତା ତଳକୁ ଯାଏ ତେବେ, କୃଷକମାନଙ୍କୁ ଶୀଘ୍ର ଅମଳ କରନ୍ତୁ ଏବଂ ମାଛ ବିହନ ଉତ୍ପାଦନ ଏବଂ ଚାଷ କାର୍ଯ୍ୟ ବନ୍ଦ କରିବାକୁ ପରାମର୍ଶ ଦିଆଯାଉଛି, ମତ୍ସ୍ୟ ପ୍ରଜନନ ଏବଂ ମତ୍ସ୍ୟ ଚାଷ ଏହି ସମୟରେ ସ୍ଥଗିତ ରଖନ୍ତୁ । |

## କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କୁକୁଡ଼ା | କୁକୁଡ଼ା ଏବଂ ପକ୍ଷୀମାନେ ଅତ୍ୟଧିକ ଉତ୍ତାପର ଶିକାର ହୋଇପାରନ୍ତି । କୁକୁଡ଼ା ଫାର୍ମର ଚାରିପାଖରେ ଓଦା ଅଖା ବସ୍ତା ଓହଳେଇ ରଖନ୍ତୁ ଏବଂ ୩-୪ ଥର ପାଣି ଛିଞ୍ଚନ୍ତୁ \| ପକ୍ଷୀମାନଙ୍କୁ ପିଇବା ପାଇଁ ପର୍ଯ୍ୟାପ୍ତ ପରିଷ୍କାର ଜଳ ଯୋଗାନ୍ତୁ । |